# Akashvani, Sambalpur

## SAMBALPURI NEWS EVENING BULLETIN

### 5 June 2026-7.02- 7.12 pm.

---

୧- ପୁରୀ ନ ଚାଲିଥିବା ୩ ଦିନିଆ ବ୍ରିକ୍ସ ରାଷ୍ଟ୍ରସମୂହର୍ ୨ ନମ୍ବର୍ ବୈଷୟିକ୍ କାର୍ଯ୍ୟଗୋଷ୍ଠୀ ବୈଠକ୍ ଆଏଜ୍ ହେଲା ଉଦ୍ଯାପିତ୍ ।

୨- 'ପ୍ରକୃତିନୁ ଅନୁପ୍ରାଣିତ: ଜଲ୍‌ବାୟୁ ଲାଗି -ଆମର୍ ଭବିଷ୍ୟତ୍ ଲାଗି' ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ପରିବେଶ୍ ଦିବସ୍ ।

୩- ରାଏଜେ ଖାଲି ପଡ଼ିଥିବା ଗୁଟେ ରାଜ୍ୟସଭା ଆସନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ କଲେ ବିଜେପି ପ୍ରାର୍ଥୀ ଦେବାଶିଷ୍ ସାମନ୍ତରାୟ ।

ଆଉର୍

୪- ଗଜପତି ମହାରାଜାଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଛେ ପୁରୀ ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ବୈଠକ୍ ।

- ମାହାପୁରୁମାନ୍‌କର୍ ସ୍ନାନଯାତ୍ରା ଆର୍ ରଥଯାତ୍ରାର ନୀତିନିର୍ଘଂଟକେ ମିଲ୍‌ଲା ଅନୁମୋଦନ୍ ।

ବ୍ରିକ୍ସ ସମ୍ମିଳନୀ ପୁରୀ ସମ୍ବାଦଦାତା

ବିପର୍ଯ୍ୟୟ ପରିଚାଳନା ବିପଦ ହ୍ରାସକେ ନେଇକରି ପୁରୀ ନ ଚାଲୁଥିବା ବ୍ରିକ୍ସ ରାଷ୍ଟ୍ରସମୂହର୍ ୨ ନମ୍ବର୍ ବୈଷୟିକ୍ କାର୍ଯ୍ୟଗୋଷ୍ଠୀ ବୈଠକ୍ ଆଏଜ୍ ଉଦ୍‌ଯାପିତ୍ ହେଇଛେ । ବୈଠକ୍‌ଥି ବ୍ରିକ୍ସ ସଦସ୍ୟ ଦେଶର୍ ବରିଷ୍ଠ ଅଧିକାରୀ ଆଉ ବୈଷୟିକ ବିଶେଷଜ୍ଞମାନେ ଯୋଗ୍ ଦେଇକରି ବିପର୍ଯ୍ୟୟ ବିପଦ୍ କମ୍ କର୍‌ବାର୍ ଲାଗି ଭିନ୍ ଭିନ୍ ଆହ୍ୱାନ୍‌ର ସମାଧାନ ଦିଗେ ମତ ଦିଆନିଆ କରିଛନ୍ । ୩ ଦିନେ ମୋଟ୍ ୧୧ ଟା ବିଷେ ଉପ୍‌ରେ ଆଲୋଚନା ହେଇଥିବା ଆମର୍ ସମ୍ବାଦଦାତା ଜନେଇଛନ୍ । ବିପର୍ଯ୍ୟୟ ପରିଚାଲନାକେ ନେଇକରି ପ୍ରଶାସନିକ୍ ଆଉ ସମ୍ପ୍ରଦାୟ ଆଧାରିତ୍ ପଦ୍ଧତି ଆଉ ପ୍ରାକ୍ ଅନୁମାନ୍ ଯୋଗ୍ୟ ନିବେଶ୍ ଲାଗି ଆର୍ଥିକ୍ ମୋଡ଼େଲ୍ ବହୁତ୍‌ଟେ ବିପଦ୍‌ର ପ୍ରାରମ୍ଭିକ୍ ସୂଚ୍‌ନା, ବାତ୍ୟା ଆଉ ବନ୍ୟା ସହି ନାଇଁପାରୁଥିବା ଘର୍ ଆଉ ରାସ୍ତା ସହେତେ ପ୍ରାକୃତିକ୍

ଆଧାରିତ୍ ସମାଧାନ୍ ବାବ୍‌ଦେ ସମ୍ମିଳନୀଥି ବିସ୍ତୃତ୍ ଭାବେ ଆଲୋଚନା କରାଯାଇଛେ । ଉପର୍‌ବେଲା ପୁରୀ କୋଣାର୍କ ବେଳାଭୂମି ରାମଚଣ୍ଡୀ ଠାନେ ବିପର୍ଯ୍ୟୟ  ପରିଚାଳନାକେ ନେଇକରି ଗୁଟେ ଡେମୋ ଭିଲ୍ ପ୍ରଦର୍ଶନ୍ କରାଯାଇଛେ ।

ପଦ୍ମ ପୁରସ୍କାର୍      ଏନ୍‌ଏସ୍‌ଡି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା ୨୩ ତାରିଖ୍ ଦିନ ୨ ନମ୍ବର୍ ଖେପ୍ ବେସାମରିକ୍ ସମ୍ମାନ୍ ସମାରୋହଥି ଇ ବଛର୍ ଲାଗି ୬୫ ଝନ୍ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ପଦ୍ମ ପୁରସ୍କାର୍ ପ୍ରଦାନ୍ କର୍‌ବେ । ଇ ବଛର୍ ମୋଟ୍ ଶହେ ୩୧ ଟା ପଦ୍ମ ପୁରସ୍କାର୍ ଦେବାର୍ ଲାଗି ଅନୁମୋଦନ୍ ମିଳିଛେ । ଇଥି ୫ ଟା ପଦ୍ମବିଭୂଷଣ୍, ୧୩ ଟା ପଦ୍ମ ଭୂଷଣ୍ ଆଉ ଶହେ ୧୩ ଟା ପଦ୍ମଶ୍ରୀ ପୁରସ୍କାର୍ ରହିଛେ । ପହେଲା ଖେପ୍ ବେସାମରିକ୍ ସମ୍ମାନ୍ ପ୍ରଦାନ୍ ସମାରୋହଥି ଗଲା ମାସେ ରାଷ୍ଟ୍ରପତି ୬୬ ଝନ୍‌କୁ ପଦ୍ମପୁରସ୍କାର୍‌ଥି ସମ୍ମାନିତ୍ କରିଥିଲେ ।

ଶ୍ରୀମନ୍ଦିର ବୈଠକ୍        ପୁରୀ ସମ୍ବାଦଦାତା

ପୁରୀ ଶ୍ରୀମନ୍ଦିର୍ ପରିଚାଳନା କମିଟିର୍ ଜରୁରୀ ବୈଠକ୍ ଗଜପତି ମହାରାଜ୍ ଦିବ୍ୟସିଂହ ଦେବଙ୍କର୍ ଅଧକ୍ଷତାଥି ଆଏଜ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ନ ହେଇଯାଇଛେ । ମାହାପୁରୁମାନ୍କର୍ ସ୍ନାନଯାତ୍ରା, ରଥଯାତ୍ରା ଆଉ ବାହୁଡ଼ା ଯାତ୍ରା ଲାଗି ନୀତି ନିର୍ଘଂଟ ଆଉ ବ୍ୟବସ୍ଥା ମାନ୍କୁ ମଞ୍ଜୁରୀ ବାବ୍ଦେ ବୈଠକ୍ଥି ଆଲୋଚନା ହେଇଛେ । ଗଲା ୩୧ ତାରିଖ୍ ହେଇଥିବା ଛତିଶା ନିଯୋଗ୍ ଆଉ ନୀତି ସବ୍କମିଟି ବୈଠକ୍ଥି ଅନୁମୋଦିତ୍ ହେଇଥିବା ରଥଯାତ୍ରା ଆଉ ସ୍ନାନଯାତ୍ରା ଲାଗି ବ୍ୟବସ୍ଥାବଳୀକେ ଆଏଜ୍ ଅନୁମୋଦନ୍ କରାଯାଇଛେ । ଶ୍ରୀମନ୍ଦିର୍ ସୁରକ୍ଷା ସବ୍କମିଟି ବୈଠକ୍ର ବିବରଣୀ ଉପ୍ରେ ଭିଲ୍ ଆଲୋଚନା କରାଯାଇଛେ । ଆଝିରର୍ ବୈଠକ୍ଥି ଶ୍ରୀମନ୍ଦିର୍ ମୁଖ୍ୟପ୍ରଶାସକ୍, ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ସହେତେ ବରିଷ୍ଠ ପ୍ରଶାସନିକ୍ ଅଧିକାରୀ ଆଉ ପରିଚାଳନା କମିଟିର୍ ସଦସ୍ୟମାନେ ଉପସ୍ଥିତ୍ ଥିଲେ । ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ଆଭାସୀ ଜରିଏ ବୈଠକ୍ଥି ଯୋଗ୍ ଦେଇଥିଲେ ।

ଖରାଛୁଟି ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ହେଉଥିବା ଜବର୍ ଗରମ୍‌କେ ନଜର୍‌ଥି ରଖିକରି ବିଦ୍ୟାଲୟମାନ୍‌କର୍ ଖରାଛୁଟି ସମିଆକେ ବଢ଼ାଯିବାର୍ ଲାଗି ବିଚାର୍ କରାଯାଉଛେ ବଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ । ଆଏବା ଦିନେ ପାଣିପାଗ୍ ପରିସ୍ଥିତିର୍ ସମୀକ୍ଷା ଉତ୍‌ରୁ ଖରାଛୁଟି ବଢ଼ାଯିବାର୍ ବାବ୍‌ଦେ ନିଷ୍ପତି ନିଆଯିବା । ଛାତ୍ରଛାତ୍ରୀମାନ୍‌କର୍ ସୁରକ୍ଷା ଆଉ ସ୍ୱାସ୍ଥ୍ୟ, ବିଦ୍ୟାଲୟ ଆଉ ଗଣଶିକ୍ଷା ବିଭାଗ୍‌ର ସବୁନୁ ବଡ଼ ପ୍ରାଥମିକତା ବଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ । ରାଜ୍ୟର୍ ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପ୍ରାପ୍ତ ଆଉ ବେସର୍‌କାରୀ ବିଦ୍ୟାଲୟମାନେ ଗଲା ଏପ୍ରିଲ୍ ୨୭ ତାରିଖ୍‌ନୁ ବନ୍ଦ୍ ରହିଛେ । ଛାତ୍ରଛାତ୍ରୀମାନ୍‌କର୍ ସୁରକ୍ଷାକେ ନଜର୍‌ଥି ରଖିକରି ମୁଖ୍ୟମନ୍ତ୍ରୀ ଆଗ୍‌ତୁରା ଖରାଛୁଟି ଘୋଷ୍‌ନା କରିଥିଲେ ।

ଏନ୍.ସି.ଇ.ଆର୍.ଟି -ସି.ଇ.ଇ. ଆର୍‌ଏନ୍‌ୟୁ/ କଟକ୍

ରାଷ୍ଟ୍ରୀୟ ଶୈକ୍ଷିକ୍ ଅନୁସନ୍ଧାନ୍ ଆଉ ପ୍ରଶିକ୍ଷଣ୍ ପରିଷଦ୍-ଏନ୍.ସି.ଇ.ଆର୍.ଟି ତର୍ଫୁ ହେବାର୍କେ ଥିବା ସାଧାରଣ୍ ପ୍ରବେଶିକା ପରୀକ୍ଷା ସି.ଇ.ଇ. -୨୦୨୬ ଲାଗି ଆବେଦନ୍ ସମିଆକେ ବଢ଼ାଯାଇଛେ । ପ୍ରାର୍ଥୀମାନେ ଆଏବା ରଏବାର୍‌ତକ୍ ପଞ୍ଜିକରଣ୍ ପୁରା କରିକରି ଆବେଦନ୍‌ପତ୍ର ଦାଖଲ୍ କରିପାର୍‌ବେ । ଏନ୍.ସି.ଇ.ଆର୍.ଟି.ର ଭିନ୍ ଭିନ୍ ରାଏଜେ ଥିବା ଆଂଚଳିକ୍ ଶିକ୍ଷା ପ୍ରତିଷ୍ଠାନ୍ ମାନ୍‌କର୍ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଇ ପ୍ରବେଶିକା ପରୀକ୍ଷା ହେବା । ଆବେଦନ୍‌କାରୀମାନେ ଆଏବା ୮ ତାରିଖ୍‌ତକ୍ ସଂଶୋଧନ୍ କର୍‌ବାର୍ ଲାଗି ସୁଯୋଗ୍ ପାଏବେ ।

ଉପନିର୍ବାଚନ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖାଲି ପଡ଼ିଥିବା ଗୁଟେ ରାଜ୍ୟସଭା ଆସନ୍ ଲାଗି ବିଜେପି ପ୍ରାର୍ଥୀ ଦେବାଶିଷ୍ ସାମନ୍ତରାୟ ବିଧାନ୍‌ସଭା ରିଟର୍ଣ୍ଣିଂ ଅଫିସର୍‌ଙ୍କର୍ କାର୍ଯ୍ୟାଳୟ ନ ଆଏଜ୍ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ନାମାଙ୍କନ୍ ପତ୍ର ଦାଖଲ୍ ବେଲ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ବିଜେପିର୍ ବରିଷ୍ଠ ନେତୃବୃନ୍ଦ

ଉପସ୍ଥିତ୍ ଥିଲେ । ରାଜ୍ୟସଭା ଉପ ନିର୍ବାଚନ୍ ଲାଗି ଆଏବା ୮ ତାରିଖ୍ ନାମାଙ୍କନ୍ ପତ୍ର ଦାଖଲ୍‌ର ଶେଷ୍ ତାରିଖ୍ ରଖାଯାଇଛେ । ୧୧ ତାରିଖ୍ ପ୍ରାର୍ଥୀପତ୍ର ପ୍ରତ୍ୟାହାର୍‌ର ଶେଷ୍ ଦିନ ରହିଛେ । ଆଏବା ୧୮ ତାରିଖ୍ ରାଜ୍ୟସଭା ଉପ ନିର୍ବାଚନ୍ ଲାଗି ଭୋଟ୍ ହେବା ।

ବିଶ୍ୱ ପରିବେଶ୍ ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର

‘ପ୍ରକୃତିନୁ ଅନୁପ୍ରାଣିତ: ଜଲ୍‌ବାୟୁ ଲାଗି -ଆମର୍ ଭବିଷ୍ୟତ୍ ଲାଗି’ ବାର୍ତା ନେଇକରି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ପରିବେଶ୍ ଦିବସ୍ । ୧୯୭୩ ମସିହାନୁ ଫି’ ବଛର୍ ଜୁନ୍ ୫ ତାରିଖ୍ ଇ ଦିବସ୍ ପାଲନ୍ କରାଯାଏସି । ଜଲ୍‌ବାୟୁ ପରିବର୍ତନ୍‌ର ମୁକାବିଲା, ପ୍ରକୃତିର୍ ସୁରକ୍ଷା, ସ୍ୱଚ୍ଛ ଶକ୍ତିର୍ ବେଭାର୍ ସବୁଜ ଜୀବନ୍‌ଶୈଲୀ ଆଉ ଗୁଟେ ସୁରକ୍ଷିତ୍ ପୃଥିବୀ ଗଠନ୍ ଲାଗି ବିଶ୍ୱସ୍ତରୀୟ ସହଯୋଗ୍‌ର ଆବଶ୍ୟକତା ବାବ୍‌ଦେ ସଚେତନତା କର୍‌ବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ଭୁବ୍‌ନେଶ୍ୱର୍ ଲୋକସେବା ଭବନ୍ ନ ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍ ତର୍‌ଫୁ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ୍ ଦିବସ୍

ପାଲିତ୍ ହେଇଯାଇଛେ । 'ପ୍ରକୃତିରୁ ପ୍ରେରଣା- ଜଳବାୟୁ ପାଇଁ ଆମ ଭବିଷ୍ୟତ୍ ପାଇଁ' ଶୀର୍ଷକ୍ ଆଲୋଚନା ଚକ୍ରଥି ବିଭାଗୀୟ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ମୁଖ୍ୟଅତିଥି ଭାବେ ଯୋଗ୍‌ଦେଇକରି କହିଛନ୍, ଗୁଟେ ସବୁଜ, ସ୍ୱଚ୍ଛ ଆଉ ଜଲ୍‌ବାୟୁ ସହନଶୀଳ ଓଡ଼ିଶା ଗଠନ୍ ଦିଗେ ରାଜ୍ୟ ଆଗ୍‌କେ ବଢୁଛେ । ପରିବେଶ୍ ସୁରକ୍ଷାକେ ଜନଆନ୍ଦୋଳନ କର୍‌ବାର୍ ଲାଗି ବିଭାଗ୍ ତର୍‌ଫୁ ପଦକ୍ଷେପ୍ ନିଆଯାଉଛେ ।

ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ୍ କ୍ଷେତ୍ରଥି କୃତ୍ରିମ ବୁଦ୍ଧିମତା- ଏଆଇ ଆଧାରିତ୍ ଜଙ୍ଗଲ୍ ନିଆଁ ଚିହ୍ନଟ୍ ବ୍ୟବସ୍ଥା, ହେନ୍ତାଳ ବନର ପୁନରୁଦ୍ଧାର୍, ଇକୋ ଟୁରିଜମ୍‌ର ବିକାଶ୍, ନନ୍ଦନ୍‌କାନନ୍‌ର ଆଧୁନିକୀକରଣ୍ ଦିଗେ ସର୍‌କାର୍ କାମ୍ କରୁଛନ୍ ବଲି ମନ୍ତ୍ରୀ ଶ୍ରୀ ଖୁଂଟିଆ କହିଛନ୍ । ପରିବେଶ୍ ସଂରକ୍ଷଣ୍ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଲାଗି ପ୍ରକୃତି ମିତ୍ର ଆଉ ପ୍ରକୃତି ବନ୍ଧୁ ସମ୍ମାନ୍ ପାଇଥିବା ୨ ଶହ ୫ ଟା ଅନୁଷ୍ଠାନ୍ ଆଉ ୨ ଶହ ୭ ଝନ୍ ବ୍ୟକ୍ତିଙ୍କୁ ମନ୍ତ୍ରୀ ଶ୍ରୀ ଖୁଂଟିଆ ଅଭିନନ୍ଦନ୍ ଜନେଇଥିଲେ । ଇ ଅବ୍‌ସରେ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ବିଭାଗ୍‌ର ପ୍ରଦର୍ଶନୀ ଭିଲ୍ ଉଦ୍‌ଘାଟିତ୍ ହେଇଛେ । ରାଜ୍ୟର୍ ୩ ଟା ଶ୍ରେଷ୍ଠ ପରିବେଶ୍ ସୁରକ୍ଷା ଇକୋ କ୍ଲବ୍‌କେ ସମ୍ମାନିତ୍ କରାଯାଇଛେ ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ପ୍ରକୃତିର୍ ସୁରକ୍ଷା ଥରେ ବେଭାର୍ ହଉଥିବା ପ୍ଲାଷ୍ଟିକ୍ ବର୍ଜନ୍, ପାଏନ୍ ଆଉ ପ୍ରାକୃତିକ୍ ସମ୍ପଦ୍‌ର ଠିକ୍ ବେଭାର୍, ଜଙ୍ଗଲ୍ ଆଉ ବନ୍ୟଜନ୍ତୁ ମାନ୍‌କର୍ ସୁରକ୍ଷା ଦିଗେ ସକ୍ରିୟ ଭାବେ କାମ୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ବିଶ୍ୱ ପରିବେଶ୍ ଦିବସ୍ - ଜିଲ୍ଲା/ସମ୍ବଲପୁର/ସୁବର୍ଣ୍ଣପୁର/ନୂଆପଡ଼ା/ବୌଦ୍ଧ/ଦେବ୍‌ଗଡ଼୍/ବର୍‌ଗଡ଼୍ /କଲାହାଣ୍ଡି

ବିଶ୍ୱ ପରିବେଶ୍ ଦିବସ ଅବ୍‌ସରେ ପୂର୍ବତଟ ରେଲ୍‌ପଥ୍‌ର ସମ୍ବଲ୍‌ପୁର୍ ମଣ୍ଡଲ୍ ତର୍‌ଫୁ ସଚେତନତା ଆଉ ସଂରକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଗଲା ମେ ୧୫ ନୁ ଜୁନ୍ ୫ ତାରିଖ୍‌ତକ୍ ମଣ୍ଡଲ୍ ନ ସ୍ୱତନ୍ତ୍ର ପରିବେଶ୍ ସଂରକ୍ଷଣ୍ ଅଭିଯାନ୍ ଚାଲିଥିଲା ।

ନୂଆପଡ଼ା ଜିଲ୍ଲା କେନ୍ଦ୍ରୀୟ ବିଦ୍ୟାଳୟ ପରିସର୍ ନ ବିଶ୍ୱ ପରିବେଶ୍ ଦିବସ୍ ପାଳିତ୍ ହେଇଯାଇଛେ । ବିଧାୟକ୍ ଜୟ ଢୋଲ୍‌କିଆ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଉନ୍ନୟନ୍ କାମ୍‌ଥି

ଗଛ୍‌କେ ନାଇଁ କାଟିକରି ଅଲ୍‌ଗା ଜାଗାକେ ସ୍ଥାନାନ୍ତର୍ କର୍‌ବାର୍‌କେ ଆହ୍ୱାନ୍ ଦେଇଛନ୍ ।

ବିଶ୍ୱ ପରିବେଶ୍ ଦିବସ୍ ଅବ୍‌ସରେ ବୌଦ୍ଧ ଜିଲ୍ଲାର୍ ଭିନ୍ ଭିନ୍ ଜାଗା ନ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଗଛ୍ ଜଗା କାର୍ଯ୍ୟକ୍ରମ୍ ହେଇଯାଇଛେ । କୁଲାରିକୁଦ ଦ୍ୱୀପ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଗୁଟେ ସଚେତନତା ଶୋଭାଯାତ୍ରା ଭିଲ୍ ସହର୍ ପରିକ୍ରମା କରିଥିଲା ।

ବର୍‌ଗଡ଼୍ ଜିଲ୍ଲା ନ ଭିଲ୍ ଇ ଦିବସ୍ ଅବ୍‌ସରେ ଗଛ୍ ଲଗା ଆଉ ସମ୍ମାନ୍ ପ୍ରଦାନ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଜିଲ୍ଲା ପ୍ରଶାସନ୍ ଆଉ ଜଙ୍ଗଲ୍, ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତ୍ତନ୍ ବିଭାଗ୍‌ର ମିଳିତ୍ ଚେଷ୍ଟାଥି ପିପଲ୍‌ମୁଣ୍ଡା ନର୍ସରୀ ନ ଜିଲ୍ଲାସ୍ତରୀୟ ଗଛ୍ ଜଗା କାର୍ଯ୍ୟକ୍ରମ୍ ହେଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଜଙ୍ଗଲ୍ ବିଭାଗ୍ ଆଉ ଭିନ୍ ଭିନ୍ ସାମାଜିକ୍ ଅନୁଷ୍ଠାନ୍ ତର୍‌ଫୁ ଆଏଜ୍ ବିଶ୍ୱ ପରିବେଶ୍ ଦିବସ୍ ପାଳିତ୍ ହେଇଯାଇଛେ ।

ଦେବ୍‌ଗଡ଼୍ ପୌର ପରିଷଦ୍ ତର୍‌ଫୁ ବିଶ୍ୱ ପରିବେଶ୍ ଦିବସ୍ ପାଲିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଦେବ୍‌ଗଡ଼୍ ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍ ଯୋଗ୍ ଦେଇକରି ଗଛ୍ ଲଗେଇଥିଲେ । ପୌରାଂଚଲ୍‌ର ଭିନ୍ ଭିନ୍ ଜାଗା ନ ପାଖାପାଖି ୧୧ ଶହ ଚାରା ଲଗାଯାଇଥିଲା ।

କଲାହାଣ୍ଡି ଜିଲ୍ଲା ନ ସିଆର୍‌ପିଏଫ୍ ର ୬୪ ବାଟାଲିୟନ୍ ତର୍‌ଫୁ ବିଶ୍ୱ ପରିବେଶ୍ ଦିବସ୍ ପାଲିତ୍ ହେଇଯାଇଛେ । କମାଣ୍ଡାଂଟ୍ ଅଜୟ କୁମାର୍ ସଚେତନତା ଆଉ ବୃକ୍ଷରୋପଣ୍ ଉପ୍‌ରେ ଜୋର୍ ଦେଇଥିଲେ ।

ଏସ୍‌ଆଇଆର୍-ଦେବ୍‌ଗଡ଼୍ ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ବାର୍‌କୋଟ୍ ବ୍ଲକ୍ ପାଚେରୀ ପାଣି ଗାଁ ନ ଆଏଜ୍ ସ୍ୱତନ୍ତ୍ର ସଘନ ସଂଶୋଧନ୍-୨୦୨୬ ସଚେତନତା ଶିବିର୍ ହେଇଯାଇଛେ । ଭୋଟର୍ ତାଲିକାଥି ନାଁ ଜୁଡ଼୍‌ବାର୍, କାଟ୍‌ବାର୍ ଆଉ ସଂଶୋଧନ୍ ପ୍ରକ୍ରିୟା ବାବ୍‌ଦେ ଗାଁର୍ ଲୁକ୍‌କୁ ସଚେତନ୍ କରାଯାଇଥିଲା । ଗାଁର୍ ଲୁକେ ପରିଗଣନା ଫର୍ମ

ପାଇକରି ବୁଥ୍‌ସ୍ତରୀୟ ଅଧିକାରୀମାନ୍‌କର୍ ସହଯୋଗ୍‌ଥି ସେତାକେ ଭରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ବଲେ ବର୍ଷାର୍ ପ୍ରଭାବ୍‌ଥି ତାପମାତ୍ରା କମିଛେ । ହେଲେଭିଲ୍ ରାଏଜେ ଭିନ୍ ଭିନ୍ ଜାଗା ନ ଗରମ୍ ଆଉ ଗୁଲ୍‌ଗୁଲି ପାଗ୍ ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି ଆର୍ ଘଡ଼୍‌ଘଡ଼ି ସହେତେ ହାଲ୍‌କା ନୁ ମଧ୍ୟମ୍ ଧରଣ୍‌ର ବର୍ଷା ହେବା ବଲି ପାଖାପାଖି ସବୁ ଜିଲ୍ଲାକେ ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । କଲାହାଣ୍ଡି, କନ୍ଧମାଲ୍, ବାଲେଶ୍ୱର୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍, ନବରଙ୍ଗ୍‌ପୁର୍ ଜିଲ୍ଲା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ।